ନଅଟି ଗୋଲାପ

ଶ୍ରୀ ପ୍ରବୋଧ କୁମାର ମିଶ୍ର

ANSP

GPNanda Colln., Digitized by srujanika@gmail.com

ନଅଟି ଗୋଲାପ

ଶ୍ରୀ ପ୍ରବୋଧ କୁମାର ମିଶ୍ର

GPNanda Colln., Digitized by srujanika@gmail.com

ପ୍ରଥମ ପ୍ରକାଶ :
ଡିସେମ୍ବର—୧୯୭୧

ଲେଖକ :
ଶ୍ରୀ ପ୍ରବୋଧ କୁମାର ମିଶ୍ର, [illegible]

ପ୍ରକାଶକ :
କମଳା ବୁକ୍ ଷ୍ଟୋର
ରାଣୀହାଟ, କଟକ-୧

ମୁଦ୍ରାକର :
ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନ
ଜ୍ୟୋତି ପ୍ରେସ୍, କଟକ-୨

ମୂଲ୍ୟ :
୫.୦ ନୂଆପଇସା ମାତ୍ର

GPNanda Colln., Digitized by srujanika@gmail.com

ପଷଦ

ମୁଁ ଚିତ୍ରକର ନୁହେଁ । ତୁଳି ଉଠାଇ କାବ୍ୟ-ଜଗତର ଛବି ଅଙ୍କିବାର ଦକ୍ଷତା ମୋର ନାହିଁ । ପ୍ରତିଭା ବି ନାହିଁ । ତଥାପି କେତୋଟି ଗୋଲପର ଛବି ଅଙ୍କିବାରେ ପ୍ରୟାସ ରଖି ତୁଳି ଉଠାଇଛି । ସଜଫୁଟା ଗୋଲପର ମହକ, ଅମଳିନ ଶୋଭା ଓ କଅଁଳ-ହସ ନାହିଁ ଏଥିରେ । ଏ ଯେ ତା'ର ପ୍ରତିକୃତି ମାତ୍ର । ଯାହାହେଉ ଏଇ "ନଅଟି ଗୋଲପ"କୁ ଏକାଠି କରି ଉତ୍କଳ—ଭାରତୀଙ୍କର ପାଦତଳକୁ ପଠାଉଛି । ଉତ୍କଳଭାରତୀଙ୍କର ବର-ସେବୀ ସାହିତ୍ୟ ରଥୀଙ୍କର କମନୀୟ କବିତା କୁସୁମମାଳର ରେଣୁକଣା ପଡ଼ି ଏଇ ନଅଟି ଗୋଲପ ହସି ଉଠିବ ବୋଲି ଏ ଅପଟୁ-ତୁଳିକରର କ୍ଷୀଣ ଆଶା ରହିଛି ।

ମୋର ପୂଜନୀୟ ପିତୃ ଶ୍ରୀ ଠକ୍କୁର ଲକ୍ଷ୍ମୀନାରାୟଣ ସାହୁ, "ମାତୃଭୂମି"ର ଯୁଗ୍ମ ସମ୍ପାଦକ ଶ୍ରୀ ଶରତାନନ୍ଦ କର ଏମ୍. ଏ; ପଣ୍ଡିତ ଶ୍ରୀ ଚନ୍ଦ୍ରମଣି ଷଡ଼ଙ୍ଗୀ, "ସାଂଖ୍ୟାଗୃଢ଼" ଶିକ୍ଷାଗୁରୁ ପଣ୍ଡିତ କୃଷ୍ଣଚନ୍ଦ୍ର ଶତପଥୀ, ଶ୍ରୀ ହରବନ୍ଧୁ ଦାଶ, କବିରାଜ ଶ୍ରୀ ଗୋକୁଳାନନ୍ଦ ମିଶ୍ର, "ଆୟୁର୍ବେଦଶାସ୍ତ୍ରୀ" ପ୍ରମୁଖ ସାହିତ୍ୟସେବୀ ଓ ସାହିତ୍ୟାନୁରାଗୀଙ୍କର ପ୍ରେରଣା ମୋତେ ଏ ଦିଗରେ ଅଗ୍ରସର କରିଥିବାରୁ ସେମାନଙ୍କୁ ସଭକ୍ତିକ କୃତଜ୍ଞତା ଜଣାଉଛି ।

GPNanda Colln., Digitized by srujanika@gmail.com

ମୋର ପୂଜ୍ୟ ଶ୍ରୀ କ୍ଷେତ୍ରବାସୀ ଦେବତା ଏବଂ ଅନ୍ତ୍ରୋଟେଟ୍ ଶ୍ରୀ ବ. ସି. ସ୍ୱାଇଁ, ଶ୍ରୀ କେଶବଚନ୍ଦ୍ର ମିଶ୍ର, ଶ୍ରୀ ଯୁଗଳକିଶୋର ଶତପଥୀ, ଶ୍ରୀ ବୈଷ୍ଣବଚରଣ ମହାନ୍ତ, ଶ୍ରୀ ଚୈତନ୍ୟପ୍ରସାଦ ମହାପାତ୍ର, ଶ୍ରୀ ରାଧାନାଥ ଜେନା, ଶ୍ରୀ ନରେନ୍ଦ୍ର ସାହୁ ପ୍ରମୁଖ ବନ୍ଧୁମାନଙ୍କର ଉତ୍ସାହ ପାଇଁ ସେମାନଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ କଟକ ମହିଳା ୨୭ ନଂ ସ୍କୁଲର ଶିକ୍ଷୟିତ୍ରୀ ଶ୍ରୀଯୁକ୍ତା ସରୋଜିନୀ ପରିଜା ଓ ଶ୍ରୀମତୀ ପ୍ରିୟତମା ଦେବୀଙ୍କର ଉଦ୍ୟମ ପାଇଁ ସେମାନଙ୍କୁ ଗଭୀର ଅନ୍ତରଙ୍ଗତା ଜଣାଉଛି ।

ରାଣୀହାଟ କମଳା ବୁକ୍‌ଷ୍ଟୋରର ପରିଚାଳକ ସାହିତ୍ୟାନୁରାଗୀ ଶ୍ରୀଯୁକ୍ତ ରମେଶଚନ୍ଦ୍ର ମିଶ୍ର ଏହାର ପ୍ରକାଶର ଦାୟିତ୍ୱ ଗ୍ରହଣ କରିବାରୁ ତାଙ୍କ ନିକଟରେ ମୁଁ ଚିରଋଣୀ ।

ପରିଶେଷରେ କେନ୍ଦୁପାଟଣାର ବିଶିଷ୍ଟ ବ୍ୟକ୍ତି ଶ୍ରୀଯୁକ୍ତ ବାମନଚରଣ ପରିଡ଼ାଙ୍କର ବଳିଷ୍ଠ ପ୍ରେରଣା ଓ ସାହାଯ୍ୟ ମୋତେ ଏ ଦିଗରେ ଅପୂର୍ବ ସାହସ ଓ ଉତ୍ସାହ ପ୍ରଦାନ କରିବାରୁ ସେ ମହାଶୟଙ୍କ ନିକଟରେ ଅନ୍ତରର ସମସ୍ତ କୃତଜ୍ଞତା ଜଣାଇ ତାଙ୍କର ସଦିଚ୍ଛା କାମନା କରୁଅଛି ।

ବିନୀତ

ଲେଖକ

"ପ୍ରସୀଦନ୍ତ୍ୱନଘା ଜଗଜ୍ଜନବନ୍ଦ୍ୟା ବ୍ରହ୍ମାଣ୍ଡବାସିନୀ ଶାରଦା"

ସରପଡ଼ା-ଶାରଦା--ସଦନମ୍

ତା ୧୪ ୧୧ । ୬୧ ରିଂ

(ଶିଶୁ ଦିବସ)

GPNanda Colln., Digitized by srujanika@gmail.com

ଉତ୍ସର୍ଗ

"ଜଗଜ୍ଜନନୀ-ହୃତ୍କଞ୍ଜ ବାସିନୀ ଶାରଦା ସ୍ତୁତିଃ"
"ଜନନୀ ! ହୃତ୍କଞ୍ଜ ପୀଠ ବଲେ ! ସଦା—
ସୁର-ସୁରାର ଗଣାର୍ଚ୍ଚିତ-ପାଦକେ !
ଚରଣୟୋସ୍ତବ ଦେବି ! ନୁ ଶାରଦେ !
ପ୍ରଦଦତେଃସ୍ତୁମିମାଂ ତନୟସ୍ତବ ।"

ମୋର ପରମ ମାନନୀୟ ଜ୍ୟେଷ୍ଠମାତୁଳ ଶ୍ରୀଯୁକ୍ତ ଉପେନ୍ଦ୍ର ମିଶ୍ର (ଘରପଢ଼ା)ଙ୍କ କର—କମଳରେ ଅର୍ପଣ କରି—

"ପିଲାଦିନୁ ମୋତେ ବଢ଼ାଇଛ ପୁଅପରି,
ଜୀବନେ ଦେଇଛ ଉଚ୍ଚ—ଅଭିଳାଷ ଭରି ।
ତୁମରି ପ୍ରେରଣା—ବାରି ପଡ଼େ ହୃଦେ ଝରି,
ଭୁଲିବି କି ? ସେ' ମୋ ଜୀବନ—ନଦୀରେ ତରି
"ନଅଟି ଗୋଲାପ" ଗାଉ
ତୁମରି ମହତ— ଉଦାର—ଗାରିମା
(ତୁମ) କର—କମଳରେ ଥାଉ !"

ପ୍ରବୋଧ କୁମାର

GPNanda Colln., Digitized by srujanika@gmail.com

ଅତୀତ ପୋଥିରେ ଚନ୍ଦନ

ଜହ୍ନ ଉଠଇ ଯେବେ   ନନ୍ଦନ ଝର୍କାରୁ
ଚନ୍ଦନ ମାଆ-କୋଳେ କହଇ,
ଜହ୍ନ ମାମୁଁଙ୍କୁ ବୋଉ ! ଫାନ୍ଦ ତୋ ବୁଦ୍ଧିବଳ
ବାନ୍ଧି ତୁ ଆଣି ଦିଅ ଜହ୍ନଇଁ । ୧ ।
ହସ ହସ ମୁହଁଟିରେ   ଦରୋଟି ତା ବଚନ
କଅଁଳ ଅଧର-ତଳୁଁ ଖସଇ,
ମନ ଓ ହୃଦୟ ତଳେ   ଚଳିଯାଇ ପଲକେ
ନିଭୃତଦେଶେ କାହିଁ ହସଇ । ୨ ।
ଜନନୀ ହୃଦୟ ତଳେ   ସେନେହ-ସଲିଳରେ
ଯାଏ ପୁଅ କ୍ଷଣେ କାହିଁ ଉଭେଇ,

କଅଁଳଶିଶୁଙ୍କୁ ମା ଗେଲକରେ । କାଖେଇ ବୁଲାଏ । ଜହ୍ନମାମୁଁଙ୍କୁ ଧଳା-ଫରଫର ବସ୍ତ୍ରରେ ଦେଖାଯାଏ; କିନ୍ତୁ ଦୈବର ଗତିରେ ଛୁଆଟି ସଂସାର-ମୁଖରୁ ଦୂରେଇ ଯାଏ ; ଉଭେଇ ଯାଏ । ମାଆ ମନ ବୁଝେଁ ନାଁ । ନିଛାଟିଆ-ଆକାଶକୁ ଚାହେଁ । ଭାବେ, ପୁଅ ତାର ପାରିଜାତ ତୋଳୁଛି ନନ୍ଦନ ବନରେ । ଲୁହ ଅଟକେନି । ଦେହ ନଥାଏ; କିନ୍ତୁ ତାହା ଜାଣିବାକୁ । ଶେଷରେ କଳ୍ପନା ମନରେ ଭାବେ — ପୁଅ ତାର ସ୍ୱର୍ଗରେ ଅଛି । ଏହାହିଁ କବିତାର-ଧଳାଫୁଲ ।

GPNanda Colln., Digitized by srujanika@gmail.com

ଢୋଲେଇଚପି ମାଆକହେ 'ମୋର କୁନି ପୁଅ'ଟି
କେତେ ଖେଳକନ୍ତୁ ମୁହଁ ଫୁଲେଇ । ୩ ।

କୁନି କୁନି ଅଙ୍ଗୁଳିକୁ ହାତେଇଚପି ମାଆ ତା
ଗାଲଧୀରେ ଟିପିଦଏ ସଗରେ,
କାଖେ ଖେର ଦେଇକହେ "ମୋ ସୁନାଟା କାହିଁରୁ"
ଚନ୍ଦ ମାମୁଁକୁ ଡାକୁ ଗରବେ । ୪ ।

ଅନ୍ଧର ସେ ଯେ ସାଥୀ ଦୁନିଆର ମାଳିକ
ଅନ୍ଧାର ତାକୁ ଦେଖି ପଳାଏ,
ସେଇ ତ ଦୁନିଆ ଭଲେ ଭ୍ରାଇ ଭଗ ସଗରେ
ଆଶା ଭରସାର ବତୀ ଜଳାଏ । ୫ ।

ତାକୁ ଦେଖି କୁନ୍ତୁ କୁଲା – ନୁରେ ପାଇ ଛନକା
ସାଧୁ ଲୋକ ପାଖେ ଯଥା ଖଳୁଆ,
ତା' ଅସିବା ଅଗୁଁ ରଙ୍କ ଛପି ଯାଏ ଘରେମେ
ସାଧୁର କି କରିପାରେ କଳୁଆ । ? । ୬ ।

ଜଗତର ସବୁର ସେ ବନ୍ଧୁ ଓ ମଉନ
ଦୁନିଆଁ-ପିଲାଙ୍କ ମାମୁଁ ସେଇ ତ,
ସବୁର ଡାକର କେବେ ଶୁଣି କି ସେ ପାରବ !
ସେ ପରା ବଳାଏ ଧର୍ମ-ବୋଲ ତ । ୭ ।

ମହତ ଉଦାର ଗୁଣେ ଢୋର ମାମୁଁ ଗଗନେ
ଯୁଗ ଯୁଗ ଧରି ଯାହା କରଇଁ
କୁନି ମୋର ସୁନାପୁଅ ! ବଡ଼ ହେଲେ ଧରାରେ
ସେ ଗୁଣେ ମାଳିକ ହେବୁ କହେଇ !" ।୮।

GPNanda Colln., Digitized by srujanika@gmail.com

(୨)

କେତେଦନ ଷଡଶ ଦେ   ରଶ୍ମିନ ତା ହୃସାର
ଚନ୍ଦନ ନାହିଁ ମାଆ କୋଳରେ,
ନନ୍ଦନ ବନରେ କି   ପାରିଜାତ ମଧ୍ୟେ
ଦିନରାତି ବୁଲୁଛି ତା କୋଳରେ । ୯ ।

ଜନନୀର ସ୍ନେହଭରା-   କୋଳଖଣ୍ଡ ତୁ
ସରଗରେ ସବୁଗରେ କାହିଁ ତା !
ଅନାଥ କି ଅନାତୁରେ   ହସି ହସି ଖେଳୁଛି
ଚାହିଁ ଅଭି ଅପଥାରେ ଗୃହିଁ ବା । ୧୦ ।

କେବଳ ତା ମଅ କୋଳ   ଖାଲିପଡ଼ି ରହୁଛି
ସ୍ନେହ-ଜଳଧୀରେ ବହୁ ବୁଲୁଛି,
ଅଫୁଟ-ମଧୁର-ସ୍ୱରେ   "ନାହିଁ ନାହିଁ" ଧ୍ୱନିରେ
-ଅତୀତର ଗୀତ-କଥା କହୁଛି । ୧୧ ।

ଅଛି ମାଆ ସ୍ନେହ-କୋଳ   ଅଛି ଦୂର-ଆକାଶ
ଅଛି ତାର ଚନ୍ଦା-ମାମୁଁ ଚନ୍ଦ୍ରମା,
କିନ୍ତୁ କଅଁଳ-ଶିଶୁ-   ଜୀବନର ସକାଳେ
ଭାଙ୍ଗିଛି ମରଣ ତା ବଡ଼ିମା । ୧୨ ।

ଚାନ୍ଦ ଉଇଁ ଯେବେ   ନିରମଳ-ଗଗନେ
ଚନ୍ଦନ କଥା ଭାବ ଜନନୀ
ଆଖି କୋଣୁଁ ଦୁଇଟୋପା   ଗଡ଼ିଆନ୍ତି ସେ ଲୋତକ
ତନ୍ଦ୍ରାଇ ଦଏ ଖରେ ଅବନୀ । ୧୩ ।

GPNanda Colln., Digitized by srujanika@gmail.com

ବନ୍ଧୁ, ତା ଅଦରର   ଚନ୍ଦନ ତନୁକ
ଅଶିଷ୍ଟର ବୁକୁଥର ଲୋତକ,
ଜନମୀର ଦେଖି ଅବା   ନନ୍ଦନେ କହୁଥିବ !!
‘‘କାନ୍ଦନା’ (ମୁଁ) ସରଗେ ତୋ ସନ୍ତକ । ୧୪ ।

ଶାରଦାସଦନ (ସରପଡ଼ା)
ତା ୨୯ । ୧ । ୭୧ ରିଖ

ଗୋଲାପ ଓ ପ୍ରେମ

(୧)

ଦେଖ ହେ ବନ୍ଧୁ !   ଆମ ଉଦ୍ୟାନେ
ଗୋଲାପ ଟିଏ ।
ସଜଫୁଟା ସେ’ ଯେ   ସୌରଭ ଦାନେ
ମାନସ ମୋହେ ! ୧ ।
ରକ୍ତିମ ଅଷ୍ଠ-   ତଳୁ ଫୁଟିଉଠେ
ଉଚ୍ଛୁଳା ହସ,
ପ୍ରସ୍ଫୁଟା ତା’ର   ଅଙ୍ଗୁ ଫୁରଇ
ଶୁଭ- ସୁବାସ । ୨ ।
ସନ୍ଧାନ କରେ   ମୃଷ୍ଟିରେ ସେ’ଙ୍କ
ଗୋପନ- କଥା ,
ଅନ୍ଧାର ତଳେ   ଅଲ୍ଲଅର କା ବା
ଝଗାଏ ଗାଥା । ୩ ।

GPNanda Colln., Digitized by srujanika@gmail.com

ନୈରାଶ୍ୟ ତଳେ ଆଶା-ସୁହାଗର
ଜଳାଏ ବତୀ,
ଦେଖ ହେ ବନ୍ଧୁ ! ଏବେ ସେ ହେଲେଣି
ଅମେ ତା କଥା । ୪ ।
ମୃଦୁ-ସୌରଭ ଗୌରବ ରତ
ଶତ ଗୁଣିତ,
ହେଲଣି ବନ୍ଧୁ ଗୌରବ-ଭୋକ୍ତୁଁ
ଫେରାଅ ଚିତ୍ତ । ୫ ।
କେତେ ମଂଜୁଳ କେତେ ସୁରଭିତ
ଫୁଲଟି ମିତ !
ମର୍ତ୍ତ୍ୟରେ କେ ବା ବାହୁଁକ ଥାପିଛି
ଚହ୍ଲ ସତ ? ୬ ।
ପୁଣି ଦେଖ ଥରେ କଣ୍ଟକ-ଦେଶ
ଅମଳ- ତନୁ,
ଅଦ୍ଭୁତ ଲାଗେ ମର୍ତ୍ତ୍ୟରେ ଏ କ
ବମଳ- ଭାନୁ । ୭ ।
ସୃଷ୍ଟିରେ ଯେବେ ସ୍ରଷ୍ଟା ବହୁଲେ
ସକଳ-ବସ୍ତୁ,
ଏଇ ଯେ ଭୋଗ୍ୟ ଦିବ୍ୟ- କୁସୁମେ
ନାହିଁକ "ଅସ୍ତୁ" ? । ୮ ।
ଲୋଭ୍ୟ ଏ ଫୁଲ ସୁନ୍ଦର ତନୁ
କଣ୍ଟକିତ,
ଚୟନେ ରଚଇଁ ଶତ ବ୍ୟର୍ଥତା
ଆବୃତ ମିତ ? । ୯ ।

GPNanda Colln., Digitized by srujanika@gmail.com

(୨)

ଭଲ ପାଅ ତୁମେ   * କାନନ ବାଳାରେ
ଅନନ ଭଲେ,
ଯେ ହାସ ମଧୁର   ପ୍ରୀତି ଝର ଝର
ଝରଇଁ ଦେଲେ । ୧୦ ।

ମୁଖ ସୌଷ୍ଠବ   କୋଟି କମ କିଣା
ମଦନ ଭସା,
ବନ୍ଧୁ ! ତମେ ସେ   ବାନ୍ଧବୀ ଲାଗି
ଅସ୍ପୃହା । ୧୧ ।
ଭଲ ପାଅ ତା'ରେ   ଅଛାଡ଼ି ଦେଇଚ
ଅମର- ପ୍ରୀତି,
ଝରନ୍ତ- ଗୀତରେ   କଣ୍ଠ ଢାଳଇଁ
ଦୋମିଶା ଗୀତ । ୦୨ ।

ଲୋଭ୍ୟ ଗୋଲାପ   କଣ୍ଟକିତ ସେ
(ସଦା' ଭୋଗ୍ୟ ନୁହେଁ,
ପ୍ରେମ ସିନା ତାହା   ଶତ ଝଂଝାରେ
କେହ୍ନ ବା' ପାଏ । ୧୩ ।

ସ୍ଥୂଳ ଅର୍ଥ ଭଲେ   ତମେ ଦେଖ ପ୍ରେମ
କି ମନୋହର,
ସୂକ୍ଷ୍ମରେ ଦେଖ   କଣ୍ଟକିତ ସେ
ବନ୍ଧୁବର ! । ୦୪ ।

---

* କୌଣସି ଏକ ବାଳିକା ।

GPNanda Colln., Digitized by srujanika@gmail.com

ଗୋଲାପର ସମ ଧରା- ଅଂଗନେ
ପ୍ରେମ- କୁସୁମ,
ହସେ ଭାସେ ନାନା ରଙ୍ଗେ ଓ ସେ ପୂର୍ଣ୍ଣ
କି ମନୋରମ ! ! ।୧୫ ।
ସେଥିପାଇଁ କାମ୍ୟ ମରୀଚିକା ପଛେ
ଧାଇଁଛ ମିଛ !
ଦୂରେ ବହୁଦୂରେ ମୃଦାଏ ଜଳ
ଭୁଲ୍ ନା ! ସତ ! । ୧୬ ।

ଉଷା ଭବନ—(କଟକ)
ତା ୩୦ । ୩ । ୬୧ ରାତ୍ରି

ତଟିନୀ

ରେ ଲୋଲ ତଟିନୀ ! କାହିଁ, ଭେଦ ଘନ ବନ ଜନ ପଦ,
କମ୍ପି ଗିରି ବନ୍ଧୁର ଗହ୍ୱର ସୁଶ୍ୟାମଳ କ୍ଷେତ୍ର ପଥ ।
ସିନ୍ଧୁ ସଙ୍ଗେ ସଙ୍ଗୀ ହେବା ଆଶେ ଖରେ ଚଳୁ ଛୁ ବହନ,
ତୋ ତରଳ ଗମନ କା ଚିତ୍ତ ଦେବନାହିଁ ଦେବ ଦିବ୍ୟଭାବ ।୧
ତୋ ଗନ୍ତବ୍ୟ ପଥେ ଆଶେ ଶତ ଝଞ୍ଜା
ବହୁ ବିଘ୍ନ ବାଧା,
କିସପାଇଁ ନ ଥାଏ ତୋର, ତଳେ ଭୀତ
ଅବା କାତରତା ।

GPNanda Colln., Digitized by srujanika@gmail.com

ତୋ କର୍ତ୍ତବ୍ୟ ରତଆଜ୍, ନିରନ୍ତର
ରଜୁବା କୁଟିଳ,
ଗତ ରତ ବାଗନଧି, ଅଣେ ଚକ୍ର
ଲୋ-ରମ୍ୟ ଉଟିନ ।
ତୋ ବିମଳ—ସ୍ୱଚ୍ଛ ଜଳେ, ଭସିଯାଏ
କେତେ ଶୁଭ୍ର ଫୁଲ
ଫେନ ବୁଦ୍ ବୁଦ୍ ନିମିଷେ, ଉଠି କ୍ଷଣେ
ହୁଅଇ ବିଲୀନ
ତରଙ୍ଗ-ରଙ୍ଗରେ କ୍ଷଣେ, ତନୁ ତୋର ହୁଏ
ଉଦ୍‌ବେଳିତ,
କ୍ଷଣେ ପୁଣି ଶାନ୍ତ ଭଜେ ତାହା, ବସ୍ନପ୍ନର
ହୁଏ ଅବକାଶ । ୩ ।
ମୋ ମୁଗ୍ଧ ଅନ୍ତର ତଳେ, ବହିଗୁଲେ
କଳ୍ପନା ତଟିନୀ,
କଳଚଳ ନାଦ ତୋଳି ବହିଗୁଲେ
କଳ୍ପନା କାହାଣୀ ।
ଅଶା ଭରସାର ଉଠେ, ଜୁଆର ଓ
ଫେନିଲ—ବୁଦ୍‌ବୁଦ,
ଅଶା ଫୁଲ ଭସିଗୁଲେ ବାଧାଳଭି
କ୍ଷଣେ ପ୍ରତିହତ । ୪ ।
ହେ ମହତ ! କଣ୍ଠେ ଦିଅ ଏକ ନିଷ୍ଠ—
ସାଧନାର ମନ୍ତ୍ର,
ନେତ୍ରେ ଦିଅ ମୁଗ୍ଧତାର ଛୁଲ ଅଶେ
ସୁସ୍ନିଗ୍ଧ—ଅଞ୍ଜନ ।

GPNanda Colln., Digitized by srujanika@gmail.com

ଶାନ୍ତକର ଆଶା ଆଉ ଆକାଂକ୍ଷାର
ଦୁର୍ନିବାର ଇଚ୍ଛା,
ମୋ ହୃଦ—କଳ୍ପନା-ନଦୀ ତରଙ୍ଗିଣି
କରୁ ଅଧିକାର । ୫ ।

ଜ୍ୟୋତ୍ସା ଭବନ (କଟକ)
ତା ୩୦ । ୨ । ୬୧ ରଖ

———

ଗୋଲାପ କଢ଼ିର ଅଭିଶାପ

ତମେ ସେଦିନ ଯେଉଁ ମହକୁଥା ଗୋଲାପ-କଢ଼ିକୁ
ଫିଙ୍ଗି ଦେଲ···

ମୁଁ ତାକୁ ଆଦରରେ ନେଇ ଆଘ୍ରାଣ କଲି
ଖୁବ ଭଲ ଲାଗିଲା ତାକୁ ଅନାଇବାକୁ,
ତା ରୂପ-ସୌନ୍ଦର୍ଯ୍ୟ ଅଫୁରନ୍ତା, ଅକୁହା ଆଉ ଅହେତୁକ ।୧।

× × × × ×

ତମେ କ'ଣ କେବେ ତା ବୁଝ ?
ବାହ୍ୟ-ଚେତନାରେ ତମେ ଯେ ବିଭୋର,
ତା'ର କମନୀୟତା ଆଉ ନମନୀୟତାରେ କା'ର,
ଅଦେଖା- ହାତର ଇଙ୍ଗିତ ଅଛି ।!
ଦେଖ ଥରେ···ବୁଝିଲ ? ବୁଝିପାରିବ !
ବୁଝିବା.କୁ ସ୍ୱାଭାବିକ । ୨ ।

× × × × ×

GPNanda Colln., Digitized by srujanika@gmail.com

ଗୋଲାପ-କଳିର ଉତଲା-ପ୍ରାଣର କେତେ
　　　　　　　　ସଜ-ଭାବନା ମଉଳିଲା···
କେତେ କଅଁଳ-ହସ ଅଫୁଟା ରହିଲା···
　　　　　　କେତେ ଅକୁହା-ବାସନା ମରିଗଲା ! !
ଫିଙ୍ଗିଲ କାହିଁକି ? କ'ଣ ସେ ଦୋଷକଲା ? । ୩ ।

× × × × ×

ଏବେ ବୁଝିଲ !
ତମକୁ ସେ ଗୁଣହୀନ, ମହକ ହୀନ, ମଉଳା,
　　　　　　　　ବାଉଳା ବୋଧ ହେଲା···
ତା'ର କମନୀୟତାରେ ତମେ ପାଦ ଗୁଳେଇ
ତା ସୌନ୍ଦର୍ଯ୍ୟର ମୂଲ୍ୟ ଦେବାରେ
　　　　　　　　ତମେ ଯେ ଅସମର୍ଥ ! ! ! । ୪ ।

× × × ×

ଠିକ୍, ସେମିତ···!
ମୋ ହାତରେ ଥିବା ତମ ପ୍ରୀତ-ଗୋଲାପର
　　　　　　ସଜ-କଢ଼ିଟି ଏବେ ଫିଙ୍ଗିଦେବି ! !
ବିଜନତାର ବଣଭୂଇଁରେ ସଢ଼ିଯିବ, ମଉଳିଯିବ ସେ···
କେହି ତାକୁ ଛୁଇଁବେ ନାହିଁ, ନାଇବେ ନାହିଁ,
　　　　　　　　ଗୁହିଁବେ ନାହିଁ । ୫ ।

× × × ×

GPNanda Colln., Digitized by srujanika@gmail.com

ତା'ର ଅକୁହା-ବାସନା ଅସ୍ପୃହା ହୋଇଯିବ ! !
ଅତୃପ୍ତି- ହସ୍ତ ଅପୂର୍ଣ୍ଣା ରହିବ !
ଅମଙ୍ଗଳା- ପ୍ରୀତ ମଉଳି ଯିବ ।
ସଜ-ଗୋଲାପର ଚରମ ପ୍ରତି ଏଇ ନୀରବ- ଅଭିଶାପ ! ! !
ସନ୍ଧ୍ୟାପାରବତ ? । ୨ ।

× × × ×

ଶାରଦା ସଦନ (ସରପଞ୍ଚା)
ତା ୪ । ୬ । ୨୧ ରଖ

* ଜୀବନ ଓ ଫୁଲ

ସଜଫୁଟା ଗୋଲାପଟି କାହିଁ କେବେ ଯାଏ କି ମଉଳି ?
ତା ସୌରଭ ଗଉରବ ସତେ କାହିଁ । ଲୋଟେ କିବା ଧୂଳି ?
ତା ମୃଦୁ ମଧୁର-ହାସ୍ୟ କାହିଁ ସତେ, ହୁଏ ମିତ ! ଭୁଲି,
ତା କାନ୍ତି-କମନୀୟତା ଆଉ ସାଥେ ହୁଏ କେବେ ତୁଳି ? । ୧ ।

× × × ×

ତା ମହକ ଲାଗି ଆହା ! ସୁରଭିତ ହୁଏ ବୀଥି ବନ,
ତା ଦୋହଲ ଭଙ୍ଗୀ ମନେ ସୃଷ୍ଟି କରେ ଅମୃତ- କମ୍ପନ ।

* ବନ୍ଧୁ ଶ୍ରୀ ବୈଷ୍ଣବଚରଣ ମହାନ୍ତିଙ୍କର ପତ୍ନୀଙ୍କର ଅକାଳମୃତ୍ୟୁ ଉପଲକ୍ଷେ ଲିଖିତ ।

GPNanda Colln., Digitized by srujanika@gmail.com

ତା ଅମର ପରିପାଟୀ ମନୁ ତା'ର ଯାଏ କି ପାଶୋରି,
(ସେ) ଦିବ୍ୟ ଅନନ୍ଦେ ବିଭୋର, ଅନେକେ କରେ ସେ ବିଭୋର

× × × ×

ତଥାପି ସେ ଭୁଲ୍‌ ଶେଷେ ଶେଷ କେଳି ରଚେ ବିଧି ବଶେ,
ଅସରନ୍ତ୍ରୀ ଗୁଣ ଯାଥେ ଏ ନିୟତି- କ୍ରୂର ପରିହାସେ ।
ନିୟତିର ଏ ଅଦୃଶ୍ୟ-ଇଙ୍ଗିତରେ ଗୁଲେ ହସି ହସି,
ଛାଡ଼ିଯାଏ ଏ ଜଗତେ ନିଜକର୍ମ ଗୁଣ ଗଣ ରାଶି । ୩ ।

× × × ×

ଏ ଧରାରେ ଗୋଲାପର ସମ ଅହା ! ଜୀବନ-କୁସୁମ
ଫୁରିପଡ଼େ, ମରିପଡ଼େ ଅହରହ ଚିର ମନୋରମ ।
ଛାଡ଼ ଗୁଲେ ଗୋଲାପର ଅନବଦ୍ୟ ଗୁଣରାଶି ଶେଷେ,
ଶୋଚନା ନ କର ବନ୍ଧୁ ! ଯିବା ଅମେ ଗୁଲି ଅବଶେଷେ । ୪ ।

× × × ×

ସରପଡ଼ା
ତା ୧୬ । ୨ । ୬୧ ରିଖ

*ହେ ଦ୍ୱିତୀୟ ଭଞ୍ଜ

ହେ କଳିଙ୍ଗ-ଭାରତୀୟ ସୁଯୋଗ୍ୟ ତନୁଜ !
କି ମାଧୁର୍ଯ୍ୟ-ରସଭରା ଲେଖନୀରୁ ଗୀତ ତବ
ମଧୁର- ମୂର୍ଚ୍ଛନା ତୋଳେ ରସିକ-ହୃଦୟେ ।

କବି !
କାବ୍ୟକ-ଭଙ୍ଗିତେ ତବ, ହସେ ତରୁଲତା
ବନରାଜି, ଗହନ ଓ ରସାଳ-ପ୍ରକୃତି,
ଅଳଙ୍କାରେ ଶତ୍-ତରୁ ନବ-ଆଶା-ଲତା !
ରସାଣିତ କରେ ପ୍ରତି କର୍ମମନ୍ତ୍ର-ପ୍ରାଣ । ୧ ।

× × × ×

ହେ ରସିକ-ମାନସର ଏକ ଛବିପଟ !
ତବ ଚଟୁଳ ଲେଖନୀ ଆଙ୍କିଅଛି ଯା'ର ଛବି,
ସେ ବନ୍ଧୁର 'ଇନ୍ଦୁରେଖା' କେ ପାରେ ପାଶୋରି ?

---

* କବି ଶ୍ରୀ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ଘର କଟକ ଜିଲ୍ଲାର ମାହାଙ୍ଗା ଥାନାର ଗୋପାଳପୁର । ଗ୍ରାମରେ ଅଠମଲ୍ଲିକ ରାଜା ତାଙ୍କୁ ନିଜର ବିରାଟ-କାବ୍ୟ "ଇନ୍ଦୁରେଖା"ର ରଚନା ପାଇଁ ୨ୟ ଭଞ୍ଜ ଉପାଧିରେ ଭୂଷିତ କରିଥିଲେ । ସେ ବର୍ତ୍ତମାନ ଜୀବିତ । ତାଙ୍କର ପ୍ରସିଦ୍ଧ କାବ୍ୟ "ଇନ୍ଦୁରେଖା" ବ୍ୟତୀତ ଅନ୍ୟାନ୍ୟ ପୁସ୍ତକ ସର୍ବଜନ ଆଦୃତ । ତାଙ୍କର ଉଦ୍ଦେଶ୍ୟରେ ଏହା ଲିଖିତ—

GPNanda Colln., Digitized by srujanika@gmail.com

ଧୀର !

କଳ୍ପନା-ବିଳାସ ତବ କି ଚାତୁର୍ଯ୍ୟ ମୟ !!
କୋମଳ-ପଦ-ଯୋଜନା କି ମାଧୁର୍ଯ୍ୟ ମୟ !!
ବର୍ଣ୍ଣନାର ଶୈଳୀ କବି କି ବୈଚିତ୍ର୍ୟ ମୟ !!
ରସଭାବ-ସିକ୍ତ ତବ କି ଅମୃତମୟ !!!। ୨ ।

ହେ ଦ୍ୱିତୀୟ ଭଞ୍ଜ ! କବି ! ଭାଷା-ସୁପଣ୍ଡିତ !
ଶିଳ୍ପ ଓ ସ୍ଥାପତ୍ୟ କଳା ହସିଉଠେ ଅଜି ଯହିଁ
ତୁମେ ତ ଗଢ଼ିନା ସେହି ଅର୍କ ତୀର୍ଥପୀଠ ।

ବର !

ଗଢ଼ ନାହିଁ ପ୍ରେମ-ଗାଥା-ସମ୍ବଳିତ "ତାଜ୍"
ମାତ୍ର ଗଢ଼ିଅଛ କବି-କଳ୍ପନାର ତାଜ ।
ସେ କଳ୍ପନା-ଚାତୁରୀର ଯୁଗ୍ମ ସମାବେଶେ,
ହସୁଛି, ହସାଉଅଛି ତବ "ସତ୍ୟଭାମା" ✱ । ୩ ।

ହେ ଭବ୍ୟ ! କାବ୍ୟ-କବିତା-ରଚନ-ଚତୁର !
(ତବ) ପ୍ରତିଭାର ପ୍ରଭା ଛୁଟି ମଧୁର-ପ୍ରକୃତି କୋଳେ,
ମୂର୍ତ୍ତିମତୀ ହୋଇ ଦିଏ ଅନବଦ୍ୟ-ଲୀଳା ।

ମହି ! ✱

ବିଂଶ — ଶତାବ୍ଦୀରେ ନବ-ଭାବ ତରଙ୍ଗିଣୀ ।
ବହି ଚାଲେ କଳଛଳ-କୋଳ-ନାଦ ତୋଳି
ସେ ତରଙ୍ଗେ ରସ-ପାୟୀ-ମାନସ-କମଳ,
ନାଚି ଉଠେ ଲୋଳାୟିତ ହୁଏ ପ୍ରତିକ୍ଷଣ । ୪ ।

✱ କବିଙ୍କର ପ୍ରକାଶୋନ୍ମୁଖୀ ଦ୍ୱିତୀୟ ଗ୍ରନ୍ଥ ✱
✱ ତେଜସ୍ୱୀ ।

GPNanda Colln., Digitized by srujanika@gmail.com

(ହେ) ସମାଜ ବନ୍ଧୁବ ନବ ପ୍ରତିଭା ଭାସ୍କର ।
କ ଶୁଭ ମାହେନ୍ଦ୍ର ଯୋଗେ ଜନମି ଉତ୍କଳ ଭୂମେ
ବାଇଲ ମୃଦୁ ମୁରଲୀ କବିତା ଜଗତେ,

ବୁଧ !

ହର୍ଷ ବିଷାଦର ଯହିଁ ମଧୁ-ସମ୍ମିଳନ
ଆଶା ନୈରାଶ୍ୟର ଜଳେ ଦୀପ୍ତି-ଦୀପ-ଶିଖା
ତବ ଲେଖନୀ ନାୟିକା ତହିଁ କାନ୍ତିମତୀ,
କଦେବୁ ଦକ୍ଷିଣା ? ତବ ଦକ୍ଷିଣା✱ହିଁ ଦେବୁ । ୫ ।

ଶାରଦା ସଦନ —ସରପଡ଼ା
ତା ୯ । ୪ । ୬୧ ରଖ

ମୁଁ ତ ହୀନ

ଦୁନିଅରେ ମୁଁ ତ ନିଛକ ଯେହୁ
ନାହିଁ କେ ମୋ'ର ସାହା,
ଫୁଲ ମୁଣିଟାଏ ଦଦରା ଗନାଟା
ଚଲାଏ ଜୀବନ-ନାଅ ।
ନାହାତ ସାନମୁଁ ଜଗତ ଅଗେ
ନାହାତ ହୀନ ମୁଁ ସମାଜ ଆଗେ
ବାଉଳା'ମନ ମୋ ବୁଝେନି କେବେ ବି
ଡ଼ାକ ଘୁଡ଼େ ଚଉବାହା ! । ୧ ।

✱ କବିଙ୍କ ପ୍ରକାଶିତ ପୁସ୍ତକ

GPNanda Colln., Digitized by srujanika@gmail.com

ଚିତ୍ତ- କନ୍ଥାଟାଏ   ବାଥିଁ ଢାଳରେ ମୋ
ତାହାରେଣ ବାନ୍ଧୁଅ ଜନା,
ମୁଣ୍ଡେ ମଇଳା-   ଚିତ୍ର ଠେକାଟାଭ
ସେଇ ଯେ ମୋ'ର ବାନା,
"ମା ମିଳୁ ଗଣ୍ଡେ ଭିକ"
ଏଇ ମୋ କୋହଲା-ଡାକ
ସେଇଟି ହଜାଏ   ନିଜର ସବୁ
ଯାହା ମୋର ନିଜ ଚିହ୍ନା । ୨ ।

× × ×

ଥାଳ ଝୁଲି ଧରି   ଦାଣ୍ଡଟା ମୋର
ଧୂଳିଅ- ଅଯନା ଭରି
ସେଇଟି ପରି ମୁଁ   ବଜାଏ ଡଉଲ—
ଢୋହର ମନୁଅ—ଭେଶ୍ରି
ମୁଁ ଇତ ଜଗତ ନାଥ,
ପଢାଏ ସବୁଠି ହାତ
ଘ୍ରଡେ ପିନା ପିଏ   ବଜାନ୍ତ ବଂଇଶୀ
ଅଭ୍ରଡେ ଢାରେଜ ମୋ ଲୁଶ୍ରି । ୩ ।

× × ×

ମନୁଅ 'ସମାଜ'   ନିରେଖେ ମୋ'ର
ବଜାଣ୍ଠ- ଗୃହ'ଣୀ ଖାଲି,
ଧନର ପରଦା—   ଉହାଡ଼େ ରଚେ
ଗର୍ବ—ପିଶାଚ କେଳି !

GPNanda Colln., Digitized by srujanika@gmail.com

ମାୟାର ମୋହନୀ ତା ଅଟେ ଛନ୍ଦା
ବଙ୍ଗାଳ-ଶଯ୍ୟା * ଉପରେ ଫୁଟୁନ୍ଦା
ସେଇଠି ପାଶୋରେ   ଦୟାର ନାଁ ନେଇ
ପ୍ରମଦେ ଗୃଲେ କେସ ଫୁଲ;

× × ×

(ତାର) ନ ଦେଖୁ ନୟନ   କଙ୍କାଳ-ନାଚ
ନବୁଝୁ କାତର ବ୍ୟଥା,
କର୍ଣ୍ଣ ନ ଶୁଣୁ   ଭୈରବ ରବ
ନ ଜାଣୁ ତା ଅଟେ କଥା
ମମତାର ରୂପ ଖଣ୍ଡି
ଦେଉ ନେଇ ଇମିତ ଭଣ୍ଡି
"ହାହା ହାହା"   ଚିତ୍କାର ଶୁଣି
ଦାନେ ନଇଁବ ତା ମଥା । ୫ ।

ପ୍ରଭାପଣ୍ଡାମଧ (କଟକ)
ତା ୪ । ୧ । ୫୯ ଇଂ

ଯକ୍ଷଯୁବକ ଡାକେ !

ଲକ୍ଷ୍ୟହରା ମୁଁ   ଯକ୍ଷ-ଯୁବକ
ବକ୍ଷେ ଅମୃତ-ଯାତନା ଭର
ଜୀବନର ଏଇ   ଘଟିନା-ତଟରେ
ଡାକ ଦାଏ ଭବ-ସାଗର ହର । ୧ ।

GPNanda Colln., Digitized by srujanika@gmail.com

ମତ୍ତ ମୂହୂଁରେ	ଦୃପ୍ତ ମୂହୂଁରେ
ଶାନ୍ତ-ଧବଳା-ମଧୁର ବୋଲେ,
ଶାନ୍ତିର ମୂହୂଁ	ସୁଧିର ବଦନ
କାନ୍ତ-ସୁଷମେ ହସିବ ହେଲେ । ୨

ଅମୃତ ବୋଲା	ଦେବ ଅଙ୍ଗନ
ହଳାହଳ ମୟ ହୋଇଛି ଆଜ
ସରଳ-ଜନତା	ଗରଳେ ମୂର୍ଚ୍ଛରେ
ଉଡ଼ୁଇଁ 'ହରଣ'-କେତନ-ରାଜ । ୩ ।

ଅନ୍ୟାୟଭରେ	କଂପେ ଧରଣୀ
ସନ୍ନ୍ୟାସୀ ସାଜ ଧର୍ମଚଳେ
ତୋଷାମଦ ପନ୍ଥ	ଅଜ୍ଞାନ ରଥ
ସରଳ ଜନରେ ଗରଳ ଢ଼ାଳେ । ୪ ।

ସତ୍ୟ-ଅଙ୍କୁର	ଶୁଦ୍ଧ-ବଙ୍କୁର
ଏଯୁଗେ ନାହିଁରେ ଏଯୁଗେ ନାହିଁ ।
କୁଟିଳତା ଜଳେ	ବଞ୍ଚନ-ତଳେ
ଏସବୁ ତହିଁରେ ? ଏସବୁ ତହିଁ । । ୫ ।

ଆର୍ଯ୍ୟବଚନ	"ସତ୍ୟର ଜୟ"
ଏଯୁଗେ ମିଛରେ ଏଯୁଗେ ମିଛ
ମିଥ୍ୟାର ଯିଏ	ମୁଖ୍ୟ-ସେବକ
ସେ ନୁହେଁ ନୀଚରେ ସେ ନୁହେଁ ପଛ । ୬ ।

ସ୍ୱାର୍ଥର ଯିଏ	ନଗରରେ ପୂଜା
ଧନ୍ୟସେଇ ତ' ଧର୍ମ ସେତୁ
ବ୍ୟର୍ଥ-ଜୀବନ	ଆଜ ଜନତାର
ମୂକ ଜଡ଼ ବୋଲି ନଗ ରହଇଁ । ୭ ।

GPNanda Colln., Digitized by srujanika@gmail.com

ପ୍ରତାରଣାର ସେ ଅଂଜନ ବୋଳି
ନିରେଖେ ସରଳ ଜନତାମୁଖ
ସାର୍ଥକ ମଣେ ନିଜ ଜୀବନକୁ
ତହିଁଠା ସତେ ତା ଚରମସୁଖ ।୮।
ସରଳ-ବନ୍ଧୁର ସାଧୁ ବ୍ୟବହାର
ନମ୍ର-ବନ୍ଧୁର ନାହିଁରେ ନାହିଁ ।
ପ୍ରୀତି-ସୁନୀତିର ଶୁଦ୍ଧ-ତଟିନୀ
ଅଥଳେ କାହିଁରେ ଯାଉଛି ବହି ।୯।
କଲ-ନାଦ ତୋଳି ତୃପ୍ତ ମନରେ
ଡାକଇ ଅବେଗେ ଶୋଚନାଭରେ
"ମନୁ ! ପିଅଏ ଶୁଦ୍ଧ ସଲିଳ
ବୁଦ୍ଧି ବିବେକ ଲଭିବ ଖରେ ।୧୦।
ଗ୍ଲାନି ତୋଷାମଦ ଅନ୍ୟାୟ ମିଛ
ସ୍ୱାର୍ଥପରତା ଅନୀତିରାଜି
ହାଇ ! ସରଳତା ଅଞ୍ଜନ ବୋଳି
ନୟନେ ବାହାର ଶୂରତା ସାଜି ।୧୧।
ଏଇ ସୁମଧୁର ଧରଣୀ କୋଳରେ
ରଚି ନୂଆଖେଳ ନ ବୃନ୍ଦବେଳ,
ସକଳେ ମିଶିବା ଅନ୍ଧାର କୋଳେ
କାଳ ସାଥେ ଦେଇ ମଧୁର ତାଳ ।୧୨।
ଏଥିପାଇଁ କାହିଁ ବଞ୍ଚନା ରଚି
ସହୁଛ ଶତ ଯାତନା କଣା,
ଏ ନୁହେଁ ବୀରତା ଅଟେ ତା ହୀନତା
ଧୀରତାରେ କାହିଁ ହୁଏ କେ ବଣା ? ।୧୩।

GPNanda Colln., Digitized by srujanika@gmail.com

ଭ୍ରାନ୍ତ ନ ହୋଇ ଆସ ଆସନ୍ତ୍ରଇ
ଶାନ୍ତ ଜୀବନ ସିଞ୍ଚିବାରେ
ବର୍ଷିବା ସୁଧା ସଲିଳ କଣିକା
ଏଇ ଧରଣୀର ବକ୍ଷପଟରେ । ୧୪ ।
ହସିବ ଧରିତ୍ରୀ ହସିବ ଲତିକା
ବନିତା କାନନ ବୀଥିକା ବଳି
ହସିବ ଲଳିତା ପ୍ରକୃତି ରୂପସୀ
ହସିବ ସୁଷମ କୁସୁମ କଳି । ୧୫ ।
"ପଞ୍ଚାୟତିରାଜ" "ସମବାୟଜର"
ଶୁଭଗୀତି ଗାଇ ମୃଦୁ ମରୁତ
ପଲ୍ଲୀ ଉରସେ ମଲ୍ଲୀ ଫୁଟାଇ
ନେହେରୁ ବାରତା ଗାଇଯାଏ ତ । ୧୬ ।
"ସମାଜ ବାଦର" ଶଙ୍ଖ ମହୁରୀ
ଦେଶ-ପ୍ରତି କୋଣେ ଉଠଇ ବାଜି,
ମୃତ-ଗୌରବ ଜୀଇଁ ଉଠେ ଖରେ
ହୃତ-ଗୌରବ ଉଠଇ ରାଜି । ୧୭ ।
"ପଞ୍ଚ ଶୀଳା" ଏ ଧରଣୀ ଉରସେ
ଶ ନ୍ତିର ନୀର ସିଞ୍ଚେ ଅଜି ।
ଜାଗ୍ରତ ଅଜି କୋଟି ଜନ ମନ
ଜୟ ଦୁନ୍ଦୁଭି ଉଠଇ ବାଜି । ୨୮ ।
ଜାଗ୍ରତ କୋଟି ଭାରତ ଜନତା
ଜାଗ୍ରତ କୋଟି ଜନ ପରାଣ,
ଜାଗ୍ରତ ମୁକ ନୀରବ ପ୍ରକୃତି-
ରେ ଜାଗ୍ରତ ପଲ୍ଲୀ କୋଣ । ୧୯ ।

GPNanda Colln., Digitized by srujanika@gmail.com

ଏତେବେଳେ ଭୁଲି ମହା ଭାରତୀୟ
ମନ୍ତ୍ର ଜପିଣ ଏକ ମାନସେ,
ଜାତୀୟ ଏକତା ଜାତୀୟତା ଧନ
ଭରସା ରକ୍ଷା କର ହରଷେ । ୨୦ ।

ଛାଡ଼ ଅନ୍ୟାୟ ବିଜାତୀୟ ପ୍ରୀତି
ପ୍ରାଦେଶିକ ଭାବ ଜାତି ବିଭେଦ,
ଭାଷା ଗତ ବାଦ ଏ ମହା ଜାତୀୟ
ସାଗରେ ଦେଇଁବା, କର୍ମା ଖେଦ । ୨୧ ।
ଭାରତ ଜନନୀ ଶୁଭ ସୁଶୋଭନା
ହସିବ, ଭାଗ୍ୟ ହସିବରେ,
ହସିବ ଯାହାର "ପରମାଣୁ" ବାହୁ
ପାରିବାରେ ଲକ୍ଷ ବସିବରେ । ୨୨ ।

ଶାରଦା ସଦନ
(ସରପଡ଼ା)
ତା ୧୧ । ୪ । ୭୧ ରିଖ

---

* ଆଜିର ସାମାଜିକ ଜୀବନ ଅବିଳତାମୟ, ସମାଜରେ ପୂର୍ବପରି ଆଜି ଆଉ ସରଳତା ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ନାହିଁ । ସମାଜ ନୀତି ବିଚ୍ୟୁତ ଓ କଳୁଷିତ ହୋଇଛି । ସରଳତା ସ୍ନେହ, ପାରସ୍ପରିକ ପ୍ରୀତି ଓ ଶ୍ରଦ୍ଧା ତଥା ସୌହାର୍ଦ୍ଦ ନ ଥିଲେ ସମାଜର ଜୀବନ ପାପ ତାପଗ୍ରସ୍ତ ହେବ ନିଶ୍ଚୟ ।

GPNanda Colln., Digitized by srujanika@gmail.com

ତତଲା ଲୁହ ନିଅ *

ଆଜି ବି ଶୁଭୁଛି ତମ ଚେତାବନୀ ଡାକ ଗର୍ଜାଇ
ଆଜି ବି ଘୂରୁଛି "କୃଷକ" ତମର ଜନପଥେ,
ଆଜି ବି ଦବିନି ଉତ୍କଳ ଭୂମେ ଅନାଚାର
ଆଜି ବି ଲିଭିନି ଦୈନ୍ୟ—ଶୋଷଣର ନିଆଁ ସାର ।
ଆଜି ବି ଠେକିଛି ଶିଖେ ଶିଖା
ଅଭାବ ପିଶାଚ ନବବେଶ ସାଜି ଅଭାବ ଜନର ଚିରସଖା, । ୧ ।
ଆଜି ବି ଫୁଟିନି; ଓଡ଼ିଆ କାନନେ ପାରିଜାତ
ଆଜି ବି ଛୁଟିନି ଭାଗ୍ୟର ମୃଦୁ ମଧୁବାତ;
ଆଜି ବି ଯୁଟିନି ଓଡ଼ିଆ ଭାଗ୍ୟେ ଶିବରାତ
ଆଜି ବି ହଟିନି ଦୈବ-ଦୁଃଖର ଅମାରାତ ।
ଏ ଓଡ଼ିଆ ଜାତି ଚିର ଦୀନ
ଏଜାତିର ବୁକୁ-ଫଟା କୋହ ଏକା ବୁଝିବେ ସଦୟ ନାରାୟଣ । ୨।
ବନ୍ୟା-ବିଣତା ଓଡ଼ିଆ ସେ ଇରେ ଉପହାସ
"ନିର୍ଘୋଷ" ନବ-ମେଘ ସାଥେ ରଚେ ପରିହାସ,
ବିଦ୍ୟୁତ୍ ଶିଖା ନ ଆଣେ ଚିତ୍ତେ-ପ୍ରୀତିହାସ
ଦୁଃସ୍ଥ-ଓଡ଼ିଆ-ଜୀବନର ଏଇ ଇତିହାସ,
କରୁଣ ରସରେ ପ୍ରଥିଛି କି,
ଏ ଓଡ଼ିଆ ଜାତି, ଦୁଃଖ ନ ବୁଝେ କେ ତା'ର ଦେବତା ଛାଡ଼ି ଆଉ ।୩

---

* ୮ ପ୍ରଜା ସମାଜବାଦୀ ନେତା ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ୪ର୍ଥ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ :—

GPNanda Colln., Digitized by srujanika@gmail.com

ଛିନ୍ନ ଭୂଇଁରେ ଜୀର୍ଣ୍ଣ ଓଡ଼ିଆ ବୁକୁପରେ
ଦୃପ୍ତ ବିଦ୍ୱାଷୀ ନିର୍ମମେ ଅହା କାତମାରେ,
ଭାଇ ବୁକେ ଯହିଁ ଭାଇମାରେ ଛୁରୀ ଦର୍ପରେ
ସେ କି ଭାଇ ? ମୂଢ଼ ! ନିପଟ ସେ କାଳ ସର୍ପରେ ।
କାନ୍ଦେ ଓଡ଼ିଆ ଆନ ପାଇଁ
ସରଳ ଓଡ଼ିଆ ଅନ୍ତରେ ଆନ ଗରଳ ଭରେଇଁ କାହିଁପାଇଁ । ୪ ।

ସାର୍ଙ୍ଗଧର ! ହେ ସାମୂକ କି ତମ ଗୁଣହୀନ
ଟଙ୍କାର ତାର ଟଙ୍କା ବନେକି ବଳହୀନ ?
କୋଟି ଓଡ଼ିଆର କଙ୍କାଳ ନାଚ ଦେଖୁନାହୁଁ
ଓଡ଼ିଆ ସେତୁରେ ଅନରବେ ଯୌଧ ଅହାରହ ।
ଦାବୀ କରମା ! ଜାନ ଯେବ !
ଦୁର୍ଗତ ଏଇ ଜାତି ଭାଗ୍ୟର ଗଗନେ ଉଇଁଥ ଇଚ୍ଛୁ ରବି । ୫ ।

କି ଦେବୁ ଶ୍ରଦ୍ଧା ଅଞ୍ଜଳି ତା'ର ଶ୍ରାଦ୍ଧରେ
ଜାଣୁନାଁ ଏ ଜାତି ଫତତ ଶୋକ ବିଲରେ,
କେବଳ ତରଲ ଲହୁ ଲୁହ ଭରା ବନତ
ଦରଧା ଓଡ଼ିଆ ଜଣାଏ ଚରଣେ ପ୍ରଣତ ।
(ହେ) ମୂକ ଜନତାର ଇତିହାସ !
କାଳାଅ ଓଡ଼ିଆ ଅନ୍ତରେ ଅଣା—
ବନ୍ଧ୍ୟତ୍ ମୁଖେ ଫୁଟୁ ହାସ । ୬ ।

ଶାରଦା ସଦନ (ସରପଡ଼ା)
ତା ୨୨ । ୮ । ୭୧ ରଖ

———